# ଭୋଟ୍ ଓ ପ୍ରାର୍ଥୀ ବର୍ଜନ - ଏକ ତ୍ୱରିତ ମାର୍ଗଦର୍ଶୀକା

## ଦୋଘାଇରେ ଜନତା

ଓଡିଶାର ବର୍ତ୍ତମାନ ପରିସ୍ଥିତିରେ ଦେଖାଯାଉଛି, ବିଭିନ୍ନ ସ୍ଥାନରେ ବହୁ ଲୋକେ ନିର୍ବଚନ ପ୍ରତି ନିସ୍ପୃହ ହୋଇ ପଡିଛନ୍ତି, କାରଣ ଅତୀତରେ ଜିଣିଥିବା ପ୍ରାର୍ଥୀମାନେ ନିଜେ ଦେଇଥିବା ପ୍ରତିଶୃତିର ଓଲଟା ଆଚରଣ କରିଛନ୍ତି ଓ ବର୍ତ୍ତମାନ ଯେଉଁମାନେ ଦଳୀୟ ଟିକେଟରେ ବା ସ୍ୱାଧୀନ ଭାବେ ପ୍ରାର୍ଥୀ ରୂପେ ଠିଆ ହୋଇଛନ୍ତି, ସେମାନଙ୍କ ଭିତରୁ କେହି ପସନ୍ଦଯୋଗ୍ୟ ନୁହଁନ୍ତି । ନିର୍ବାଚନ ପ୍ରତି ଲୋକଙ୍କର ଏହି ସୁଦୃଶ୍ୟ ନିସ୍ପୃହତା ସତ୍ତ୍ୱେ ସେମାନେ ପୁଣି ଭାବୁଛନ୍ତି, ଯେମିତି ହେଲେ ତ ଭୋଟ୍ ଦେବାକୁ ପଡିବ ଏବଂ ଦଣ୍ଡାୟମାନ ପ୍ରାର୍ଥୀଙ୍କ ଭିତରୁ ଜଣକୁ ବାଛିବାକୁ ପଡିବ । ଏପରି ଏକ ଦୋଘାଇରେ ପଡି ସେମାନେ ଯଦି ଭୋଟ୍‌କେନ୍ଦ୍ରକୁ ଯାଆନ୍ତି ଏବଂ ନିଜର ଅନିଚ୍ଛା ସତ୍ତ୍ୱେ କୌଣସି ଜଣେ ପ୍ରାର୍ଥୀଙ୍କୁ ଭୋଟ୍ ଦିଅନ୍ତି, ତାହା ନିଜ ବିବେକର ସ୍ୱାଧୀନତାକୁ ବଳିଦେବା ସହ ସମାନ । ତେଣୁ ପ୍ରଶ୍ନ ଉଠୁଛି, ବର୍ତ୍ତମାନର ସାମ୍ବିଧାନିକ ବ୍ୟବସ୍ଥାରେ ଜଣେ ସ୍ୱାଧୀନଚେତା ନାଗରିକଙ୍କ ପକ୍ଷେ ଏ ପ୍ରକାର ବିବେକ ସଂକଟକୁ ମୁକାବିଲା କରିବାର କୋଣସି ଉପଯୁକ୍ତ ମାର୍ଗ ଖୋଲା ରହିଛି ? ଯଦି ହଁ, ତେବେ ତାହା କ'ଣ ? ଏହି ଜିଜ୍ଞାସା ସମାଧାନର ସୁନିର୍ଦ୍ଦିଷ୍ଟ ସୂତ୍ରାବଳୀ ସହ ଆଗ୍ରହୀ ବ୍ୟକ୍ତିବେଶଷଙ୍କୁ ପରିଚିତ କରାଇବା ଏହି ସଂକ୍ଷିପ୍ତ ମାର୍ଗଦର୍ଶୀକାର ମୁଖ୍ୟ ଉଦ୍ଦେଶ୍ୟ ।

## ଭୋଟ୍ ବର୍ଜନ ଏକ ସାମ୍ବିଧାନିକ ଅଧିକାର

ଯେଉଁମାନେ ନିର୍ବାଚନୀ ପ୍ରକ୍ରିୟା ସହିତ ଅସନ୍ତୁଷ୍ଟ, ସେମାନେ ଜାଣି ରଖିବା ଉଚିତ୍ ଯେ, ଆମ ଦେଶର ସମ୍ବିଧାନରେ ଭୋଟ୍ ଦେବା ଏକ ମୌଳିକ ସ୍ୱାଧୀନତା ନୁହେଁ କି ମୌଳିକ ଅର୍ଥାତ୍ ବାଧ୍ୟତାମୂଳକ କର୍ତ୍ତବ୍ୟ ନୁହେଁ । ଆପଣ ଯଦି ଭୋଟ୍ କେନ୍ଦ୍ରକୁ ନିଜେ ନଯାଆନ୍ତି ବା ନଯିବା ପାଇଁ ଅନ୍ୟମାନଙ୍କୁ ପ୍ରବର୍ତ୍ତାନ୍ତି ବା ସଂଗଠିତ କରନ୍ତି, ତାହା କଦାପି ଆଇନ୍ ବିରୋଧୀ ନୁହେଁ, ବରଂ ସଂପୂର୍ଣ୍ଣ ଆଇନ୍‌ସଂଗତ । କାରଣ ଭାରତୀୟ ଦଣ୍ଡସଂହିତା ୧୮୬୦ର ଦଫା ୧୭୧-ଏ (ବି)ରେ 'ନିର୍ବାଚନ-ସଂକ୍ରାନ୍ତ ଅଧିକାର'କୁ ସଂଜ୍ଞାୟନ କରି ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଏହି ଅଧିକାର ହେଉଛି ଗୋଟିଏ ନିର୍ବାଚନରେ ପ୍ରାର୍ଥୀ ଭାବେ ଲଢିବା ବା ନଲଢିବାର ଅଧିକାର ତଥା ଭୋଟ୍ ଦେବା ବା ଭୋଟ୍ ଦେବାରୁ ନିବୃତ୍ତ ରହିବାର ଅଧିକାର । ଆପଣ ପୁଣି ଜାଣିଛନ୍ତି, ସମ୍ବିଧାନର ଧାରା ୧୯(୧) ଅନୁଯାୟୀ ଆପଣଙ୍କର ମତପ୍ରକାଶ ଓ ସଂଗଠନ କରିବାର ମୌଳିକ ଅଧିକାର ରହିଛି । ତେଣୁ ଆପଣ ଏହି ମୌଳିକ ଅଧିକାରକୁ ପ୍ରୟୋଗ କରି ଯଦି ଗଣତାନ୍ତ୍ରିକ ପଦ୍ଧତିରେ ସାଧାରଣ ଜନତାଙ୍କୁ ଭୋଟ୍ ନଦେବା ପାଇଁ ବା ଭୋଟ୍ ବର୍ଜନ କରିବା ପାଇଁ ଉକ୍ତ ଆଇନ୍‌ସଂଗତ ଅଧିକାର ସମ୍ବନ୍ଧରେ ସଭାସମିତି ଓ ଶୋଭାଯାତ୍ରା ମାଧ୍ୟମରେ ସଚେତନ ଓ ସଂଗଠିତ କରନ୍ତି, ତେବେ ପ୍ରଶାସନିକ କର୍ତ୍ତୃପକ୍ଷ ଆପଣଙ୍କୁ ସେତିକି ସୁରକ୍ଷା ଦେବାକଥା, ଯେତିକି ସୁରକ୍ଷା ସେମାନେ ବିଭିନ୍ନ ଦଳ ଓ ପ୍ରାର୍ଥୀମାନଙ୍କର ନିର୍ବାଚନ ପ୍ରଚାରକୁ ଯୋଗାଇଥାନ୍ତି ।

## ସମୂହ ଭୋଟ୍ ବର୍ଜନ

ନିଜେ ଏକାକୀ ଭୋଟ୍ ବର୍ଜନ କରିବା ବଡ କଥା ନୁହେଁ । ଗୋଟିଏ ଅଞ୍ଚଳରେ ଯଦି କୌଣସି କାରଣରୁ ଲୋକମାନେ ଲଗାତାର ଭାବେ ସରକାରୀ ଓ ପ୍ରଶାସନିକ ଅବହେଳାର ଶୀକାର ହୋଇଥାନ୍ତି, ସେମାନେ ନିଜର ସମସ୍ୟା ଓ ଦୁରବସ୍ଥା ପ୍ରତି ସମଗ୍ର ଶାସନକଳର ଦୃଷ୍ଟି ଆକର୍ଷଣ କରିବା ପାଇଁ ବିଧିବଦ୍ଧ ଭାବେ ନିଜର ପୂର୍ବଘୋଷିତ ଇସ୍ତାହାର ଭିତ୍ତିରେ ସମୂହ ଭାବେ ଭୋଟ୍ ବର୍ଜନ କରିପାରନ୍ତି । ଗୋଟିଏ ଉଦାହରଣ ଦେବା ଆବଶ୍ୟକ । କୋରାପୁଟ୍ ଜିଲ୍ଲାର ନନ୍ଦପୁର ବ୍ଲକ୍‌ର ୪ଟି ଗ୍ରାମପଞ୍ଚାୟତ, ଯଥା ଗୋଲୁରୁ, କୁଲାରସିଂହ, ପାତ୍ରଲୁନୁ ଓ ପ୍ରଜାବଡବେକା ଆନ୍ଧ୍ର ସୀମାନ୍ତରେ ଅବସ୍ଥିତ ଓ ଭାବେ ଖୁବ୍ ଅବହେଳିତ । ଏହି ଅଞ୍ଚଳ ପଞ୍ଚମ ଅନୁସୂଚୀ ଅନ୍ତର୍ଭୁକ୍ତ ହୋଇଥିବାରୁ ସେଠିକାର ଲୋକମାନେ ତାଙ୍କର ସମସ୍ୟାବଳୀ ବିଷୟରେ ବରାବର ରାଜ୍ୟପାଳ ଓ ଅନ୍ୟ ଉଚ୍ଚ କର୍ତ୍ତୃପକ୍ଷମାନଙ୍କୁ ପ୍ରତିବେଦନ ମାଧ୍ୟମରେ ଜଣାଇ ଆସୁଛନ୍ତି । ଏବେ ନିକଟରେ ଜାନୁଆରିରେ ମାସରେ ସେମାନେ ଓଡିଶା ରାଜ୍ୟପାଳଙ୍କୁ ପୁଣି ଏକ ଚେତାବନୀ ପତ୍ର ଦେଇ କହିଛନ୍ତି ଯେ, ଯଦି ସେମାନଙ୍କର ଦୁରବସ୍ଥାର ପ୍ରତିକାର ଦିଗରେ ଆଶୁ ପଦକ୍ଷେପ ନିଆ ନଯାଏ ତେବେ ସେମାନେ ଆଗାମୀ ନିର୍ବାଚନକୁ ବର୍ଜନ କରିବେ । ଏହି ଲେଖକ ଜାଣିବାରେ ଗତ ପହିଲା ଏପ୍ରିଲ୍ ଯାଏ ରାଜ୍ୟପାଳ କିମ୍ବା କୌଣସି କର୍ତ୍ତୃପକ୍ଷଙ୍କ ନିକଟରୁ ପ୍ରତ୍ୟୁତ୍ତର ଦୂରର କଥା, ପ୍ରାପ୍ତିସ୍ୱୀକାର ରସିଦ୍ ମଧ୍ୟ ଆସିନଥିଲା । ତେଣୁ ସେମାନେ ଠିକ୍ କରିଛନ୍ତି ପୁଣି ରାଜ୍ୟପାଳଙ୍କୁ ଆଉ ଏକ ନୋଟିସ୍ ଦେଇ ଆଗାମୀ ନିର୍ବାଚନକୁ ସମୂହ ଭାବେ ବର୍ଜନ କରିବେ । ଏହି ଲେଖକ

ମତରେ ସେମାନଙ୍କର ଭୋଟ୍ ବର୍ଜନ ନିଷ୍ପତ୍ତି ଅତ୍ୟନ୍ତ ଗଣତାନ୍ତ୍ରିକ ଏବଂ ପଦ୍ଧତି ମଧ୍ୟ ଅତ୍ୟନ୍ତ ଆଇନ୍‌ସଙ୍ଗତ । କିନ୍ତୁ ସେମାନଙ୍କ ପାଇଁ ଏହି ଲେଖକର ପରାମର୍ଶ ହେଲା, ନିଜର ସମୂହ ଭୋଟ୍ ବର୍ଜନ ନିଷ୍ପତ୍ତିକୁ ସଭାଶୋଭାଯାତ୍ରା ଓ ଗଣମାଧ୍ୟମ ଜରିଆରେ ବ୍ୟାପକ ଭାବେ ପ୍ରଚାର-ପ୍ରସାର କରାଇବାର ଆବଶ୍ୟକତା ରହିଛି । ତେବେଯାଇ ସେମାନଙ୍କର ଭୋଟ୍ ବର୍ଜନ ସଂପୃକ୍ତ ଅଞ୍ଚଳର ସମସ୍ୟାବଳୀ ପ୍ରତି ରାଜନେତାମାନଙ୍କର ତଥା ଶାସନକଳର ଦୃଷ୍ଟି ଆକର୍ଷଣ କରିବାରେ ସହାୟକ ହେବ । ଏଭଳି କ୍ଷେତ୍ରରେ ନୀରବ ଭୋଟ୍ ବର୍ଜନର ବିଶେଷ କିଛି ମୂଲ୍ୟ ନାହିଁ ।

## ପ୍ରାର୍ଥୀ ବର୍ଜନ

ଉପରେ ଆଲୋଚିତ ସମୂହ ଭୋଟ୍ ବର୍ଜନର ବିଶେଷତ୍ୱ ହେଲା, ନିର୍ବଚାନ କମିଶନ୍‌ଙ୍କ ଦ୍ୱାରା ଭୋଟ୍ କେନ୍ଦ୍ର ଖୋଲାଯାଇଥିଲେ ବି ଲୋକେ ସେଠାକୁ ଆସିବେ ନାହିଁ । କିନ୍ତୁ ପ୍ରାର୍ଥୀ ବର୍ଜନ କାର୍ଯ୍ୟକ୍ରମ ପାଇଁ ଲୋକମାନଙ୍କୁ ଧାଡିବାନ୍ଧି ଜଣକ ପରେ ଜଣେ ଶୃଙ୍ଖଳିତ ଭାବେ ଭୋଟ୍ କେନ୍ଦ୍ର ଭିତରକୁ ପ୍ରବେଶ କରିବାକୁ ପଡିବ । ନିର୍ବାଚନ ପରିଚାଳନା ନିୟମାବଳୀ ୧୯୬୧ର ନିୟମ ୪୯(ଓ) ଅନୁଯାୟୀ ଆପଣ ଭୋଟ୍ କେନ୍ଦ୍ରକୁ ପ୍ରବେଶ କଲାପରେ ସେଠାରେ ଉପସ୍ଥିତ ନିର୍ବାଚନ ଅଧିକାରୀ ଆପଣଙ୍କୁ ଭୋଟର୍ ରେଜିଷ୍ଟର୍ (ଫର୍ମ ୧୭ଏ)ରେ ଆପଣଙ୍କ ନାମ ଲେଖି ତା' ଡାହାଣରେ ଆପଣଙ୍କର ସାକ୍ଷର ବା ବୃଦ୍ଧାଙ୍ଗୁଳି ଛାପ ସଂଗ୍ରହ କରିବେ । ଏହା ପରେ ଆପଣ କହିବେ, 'ମୁଁ କୌଣସି ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ଚାହେଁ ନାହିଁ' । ଏହା ଶୁଣି ସଂପୃକ୍ତ ନିର୍ବାଚନ ଅଧିକାରୀ ଉକ୍ତ ରେଜିଷ୍ଟର୍‌ର ସବା ଡାହାଣ କଡରେ ଥିବା 'ମନ୍ତବ୍ୟ' ସ୍ତମ୍ଭରେ ଆପଣଙ୍କ ନାମ ସିଧା ଲେଖିବେ ଯେ, 'ଭୋଟ୍ ନଦେବା ପାଇଁ ନିଷ୍ପତ୍ତି' । ଏହାପରେ ଆପଣ ପୁଣି ସେହି ମନ୍ତବ୍ୟ ସ୍ଥାନରେ ନିଜର ସାକ୍ଷର ବା ବୃଦ୍ଧାଙ୍ଗୁଳି ଛାପ ଦେବେ ଏବଂ ଭୋଟ୍ କେନ୍ଦ୍ରରୁ ଫେରିବେ । ଭୋଟ୍ କେନ୍ଦ୍ରକୁ ଯାଇ ସୁଦ୍ଧା କୌଣସି ପ୍ରାର୍ଥୀଙ୍କୁ ଭୋଟ୍ ନଦେବା ଏବଂ ଏହାକୁ ଲିପିବଦ୍ଧ କରାଇବାର ପଦ୍ଧତିକୁ ପ୍ରତିବାଦ ଭୋଟ୍ ମଧ୍ୟ କୁହାଯାଏ । ଗୋଟିଏ ବୁଥ୍‌ରେ ଆପଣଙ୍କ ଭଳି କେତେଜଣ ଭୋଟର୍ ପ୍ରତିବାଦ ଭୋଟ୍ ଦେଲେ ତହିଁର ମୋଟ୍ ସଂଖ୍ୟା ମଧ୍ୟ ଭୋଟ୍ ଗ୍ରହଣ ସରିବା ପରେ ପରେ ଜଣାପଡିବ । ଗୋଟିଏ ବୁଥ୍‌ର ଭୋଟର୍ ସଂଖ୍ୟାର ହିସାବ ରଖିବା ପାଇଁ ଫର୍ମ ୧୭(ସି) ଉଦ୍ଦିଷ୍ଟ । ଏହାର ସ୍ତମ୍ଭ-୩ରେ ଲେଖା ହେବ ନିୟମ ୪୯(ଓ) ଅନୁଯାୟୀ ଭୋଟ୍ ଦେଇନଥିବା ଭୋଟରଙ୍କ ସଂଖ୍ୟା ଏବଂ ସ୍ତମ୍ଭ-୫ରେ ଲେଖା ହେବ ଭୋଟିଂ ମେସିନ୍‌ରେ ଦିଆଯାଇଥିବା ଭୋଟ୍ ସଂଖ୍ୟା । ମୋଟ୍ ଭୋଟର୍‌ଙ୍କ ଭିତରୁ ଶତକଡା କେତେସଂଖ୍ୟକ ଭୋଟର୍ ପ୍ରତିବାଦ ଭୋଟ୍ ଦେଇଛନ୍ତି, ତହିଁର ହିସାବ ମଧ୍ୟ ଜଣାପଡିବ । ଅବଶ୍ୟ ଏକଥା ସତ, କେଉଁ ବ୍ୟକ୍ତିମାନେ ଏପରି ପ୍ରତିବାଦ ଭୋଟ୍ ଦେଲେ ତାହା ସଂପୃକ୍ତ ନିର୍ବାଚନ ଅଧିକାରୀ ଓ ପୋଲିଂ ଏଜେଣ୍ଟ୍‌ମାନେ ରେଜିଷ୍ଟର -୧୭(ଏ)ରୁ ଜାଣି ପାରିବେ । ଅବଶ୍ୟ ଅନ୍ୟଦେଶ ଭଳି ଆମ ଦେଶରେ ପ୍ରତିବାଦ ଭୋଟ୍‌କୁ ଗୋପନୀୟ ରଖିବା ପାଇଁ ବିଧି କମିଶନ୍ ଓ ନିର୍ବାଚନ କମିଶନ୍ ତରଫରୁ ସରକାରଙ୍କୁ ସୁପାରିଶ୍ କରାଯାଇ କୁହାଯାଇଛି ଯେ, ଭୋଟିଂ ମେସିନ୍‌ରେ ସମସ୍ତ ପ୍ରାର୍ଥୀଙ୍କ ନାମ ତଳେ ଏକ ଲେଖା ରହୁ 'ନନ୍ ଅଫ୍ ଦି ଆବୋଭ୍' ଅର୍ଥାତ୍ 'ଉପରେ ସୂଚୀତ ପ୍ରାର୍ଥୀଙ୍କ ଭିତରୁ କେହି ନୁହଁନ୍ତି' । କିନ୍ତୁ ବଡ କ୍ଷୋଭର କଥା, ଦେଶର କୌଣସି ପ୍ରମୁଖ ରାଜନୈତିକ ଦଳ ଏହି ଅତୀବ ଜରୁରୀ ନିର୍ବାଚନ ସଂସ୍କାର ପାଇଁ ମୋଟେ ଆଗ୍ରହ ଦେଖାଉନାହାନ୍ତି ।

## ପ୍ରାର୍ଥୀ ବର୍ଜନର ସୁଫଳ

ଆମେ ଘରେ ବସି ବିଭିନ୍ନ ପ୍ରାର୍ଥୀଙ୍କୁ ନିନ୍ଦା କରିବା ପରିବର୍ତ୍ତେ ବା ଅନିଚ୍ଛା କାରଣରୁ ମୋଟେ ଭୋଟ୍ କେନ୍ଦ୍ରକୁ ନଆସିବା ପରିବର୍ତ୍ତେ ଭୋଟ୍ କେନ୍ଦ୍ରକୁ ଆସି ନିଜର ପ୍ରତିବାଦ ଭୋଟ୍ ଦେଇପାରିଲେ ଆମେ ଆଇନାନୁମୋଦିତ ଢଙ୍ଗରେ ସମସ୍ତ ପ୍ରାର୍ଥୀଙ୍କ ପ୍ରତି ଆମର ବିତୃଷ୍ଣା ପ୍ରକଟ କରିପାରିବା, ଯାହାକି ସେହି ପ୍ରାର୍ଥୀମାନଙ୍କ ପାଇଁ ଏକ ଚେତାବନୀ ରୂପେ କାର୍ଯ୍ୟ କରିବ । ଯଦି ଗୋଟିଏ ଅଞ୍ଚଳରେ ବହୁସଂଖ୍ୟକ ଭୋଟର୍ ପ୍ରତିବାଦ ଭୋଟ୍ ଦିଅନ୍ତି, ତେବେ ପ୍ରତି ରାଜନୈତିକ ଦଳ ପରବର୍ତ୍ତୀ ନିର୍ବାଚନରେ ଅଧିକ ଭଲ ପ୍ରାର୍ଥୀ ଦେବାକୁ ବାଧ୍ୟ ହେବେ । ଏହାଛଡା, ପ୍ରତିବାଦ ଭୋଟ୍ ହିଁ ସୂଚାଇବ, ଲୋକେ ସଚେତନ ହେଲେଣି, ପ୍ରଶାସନ କି ରାଜନେତାମାନେ ଆଉ ସେମାନଙ୍କୁ ଭକୁଆ ବନେଇ ରଖିପାରିବେ ନାହିଁ । ସର୍ବୋପରି, ଆମକୁ ମନେ ରଖିବାକୁ ପଡିବ, ମାଓବାଦୀମାନେ ସେମାନଙ୍କ ନିଜସ୍ୱ ବୈପ୍ଳବିକ ଢଙ୍ଗରେ ଭୋଟ୍ ବର୍ଜନକୁ କାର୍ଯ୍ୟରୂପ ଦେଉଥିବା ବେଳେ ଜନସାଧାରଣ ସଂପୂର୍ଣ୍ଣ ସାମ୍ବିଧାନିକ ଓ ଆଇନ୍‌ସଂଗତ ପନ୍ଥାରେ ଉଭୟ ଭୋଟ୍ ବର୍ଜନ ଓ ପ୍ରାର୍ଥୀ ବର୍ଜନର କାର୍ଯ୍ୟକ୍ରମକୁ ନିଜସ୍ୱ ପ୍ରଚେଷ୍ଟାରେ ଫଳବତୀ କରାଇବାର ସମ୍ଭାବନା ଆମ ଆଗରେ ବେଶ୍ ଉନ୍ମୁକ୍ତ ହୋଇରହିଛି ।

**Chitta Behera, 4A Jubilee Tower, Choudhury Bazar, Cuttack-9, Ph- 9437577546, Dt- 7th April 2009**